# ମାଟ୍ରିକ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ସରପଞ୍ଚ



କଣ୍ଟାପଡ଼ା,୫।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ "ଏ-୧' ଗ୍ରେଡ୍ ହାସଲ କରିଥିବା ଦୁଇଜଣ ମେଧାବୀ ଛାତ୍ରୀଙ୍କୁ ବ୍ରାହ୍ମଣବାଟି ସରପଞ୍ଚ ତଥା କଣ୍ଟାପଡ଼ା ବ୍ଲକ ସରପଞ୍ଚ ସଂଘର ସଭାପତି ସଞ୍ଜୟ କୁମାର ରାଉତରାୟ ସମ୍ବର୍ଦ୍ଧିତ କରିଛନ୍ତି। ସାଇଲୋ ବଡ଼ବିଲସ୍ଥିତ ଗୋପବନ୍ଧୁ ନୋଡାଲ ବିଦ୍ୟା ମନ୍ଦିରର ଛାତ୍ରୀ ସ୍ୱାତୀ ପ୍ରିୟଦର୍ଶିନୀ ପାତ୍ର ୫୪୦ ନମ୍ବର ରଖି ସ୍କୁଲ ଟପ୍ପର ହେବା ସହ ବ୍ଲକର ଶ୍ରେଷ୍ଠ ୫ ଜଣ କୃତୀ ବିଦ୍ୟାର୍ଥୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ମଣିକୁଣ୍ଡା ଗ୍ରାମର ବିଭୁ ପାତ୍ର ଓ ରାଜଲକ୍ଷ୍ମୀ ପାତ୍ରଙ୍କ କନ୍ୟା ସ୍ୱାତୀ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ସାଇଲୋ ବଡ଼ବିଲ ଗ୍ରାମର ମାନସ କୁମାର ଆଚାର୍ଯ୍ୟ ଓ ମନ୍ଦାକିନୀ ମିଶ୍ରଙ୍କ କନ୍ୟା ସୋନାଲି ଆଚାର୍ଯ୍ୟ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ୫୪୩ ନମ୍ବର ସହ "ଏ-୧' ଗ୍ରେଡ୍ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଲକ୍ଷ୍ୟ ରଖିଥିବା ସୋନାଲି ନିଜ ସଫଳତାର ଶ୍ରେୟ ପିତାମାତା ଓ ଶିକ୍ଷକମାନଙ୍କୁ ଦେଇଛନ୍ତି। ସରପଞ୍ଚ ଶ୍ରୀ ରାଉତରାୟ ଉଭୟ ମେଧାବୀ ଛାତ୍ରୀଙ୍କ ବାସଭବନରେ ପହଞ୍ଚି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ନିଜ ଗାଁରେ କୁଳପତି ପ୍ରଫେସର ମହେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧନା



ମାହାଙ୍ଗା,୫।୫(ସମିସ): ବିଶିଷ୍ଟ ବୈଜ୍ଞାନିକ ତଥା ସମାଜସେବୀ ପ୍ରଫେସର ଡ. ମହେନ୍ଦ୍ର ମହାନ୍ତି କୁଳପତି ଭାବେ ନିଯୁକ୍ତ ହେବା ପରେ ନିଜ ଜନ୍ମମାଟି ମାହାଙ୍ଗା ବ୍ଲକର ରାମକାପୁରଠାରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମା' ରାଧାଦେବୀ ଦତ୍ତ ନ୍ୟାସ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଆଡଭୋକେଟ୍ ସତ୍ୟନାରାୟଣ ଦାସ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରଫେସର ଦେବୀପ୍ରସାଦ ଦାସ ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଓ ବୃକ୍ଷ ଚାରା ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ତ୍ରିମ୍ବ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର ଡକ୍ଟର ବିଶ୍ୱରଞ୍ଜନ ମହାନ୍ତି କୁଳପତିଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ପୂର୍ବତନ ପ୍ରଶାସକ ଜୟନ୍ତ ଦାସ, ପଶୁପାଳନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସତ୍ୟରଞ୍ଜନ ରାଉତ ଏବଂ ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ଅଧିବକ୍ତା ଜ୍ୟୋତି ପ୍ରକାଶ ମହାପାତ୍ର ଯୋଗ ଦେଇଥିଲେ। ଡା. ଅବିନାଶ କର, ଶିକ୍ଷାବିତ୍ ଅରୁଣ ବାରିକ ଓ ସାମ୍ବାଦିକ ତାପସ ବିଶ୍ୱାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଗୋବିନ୍ଦ ମହାନ୍ତି, କମଳାକାନ୍ତ ଓଝା ଓ ସୁଶାନ୍ତ ମହାନ୍ତିଙ୍କ ସମେତ ନ୍ୟାସର ସଦସ୍ୟ ସହଯୋଗ କରିଥିଲେ।

# ବିଜେପିର ଜନ-ଆକ୍ରୋଶ ସମାବେଶ

କନ୍ଦରପୁର,୫।୫(ସମିସ): କଟକ ସଦର ମହିଳା ବିଜେପି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ କନ୍ଦରପୁର ମଣ୍ଡଳର କେଶପୁର ପଡ଼ିଆଠାରେ ଏକ ବିଶାଳ "ଜନ-ଆକ୍ରୋଶ ମହିଳା ସମାବେଶ' ଅନୁଷ୍ଠିତ ହୋଇଯାଇଛି। ମହିଳା ନାରୀ ବନ୍ଦନ ଅଧିନିୟମ ବିଲ୍ ସମ୍ପର୍କିତ ବିବାଦକୁ ନେଇ ଆୟୋଜିତ ଏହି ସଭାରେ ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଲକ୍ଷ୍ମୀପ୍ରିୟା ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ପୂର୍ବରୁ ବିଧାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ କନ୍ଦରପୁର ବଜାର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ହୃଷିକେଶ ଜେନା, ସରପଞ୍ଚ ସୁଭାଷିନୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ମିଲ୍ଲି ସେଠୀ ଓ ଅମିତା କର ପ୍ରମୁଖ ବକ୍ତବ୍ୟ ରଖିଥିଲେ। କନ୍ଦରପୁର ମଣ୍ଡଳ ସଭାପତି ନିରଞ୍ଜନ ରାଉଳ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ହିନ୍ଦୀ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଟକ,୫।୫(ସମିସ): ବାରଙ୍ଗ ବ୍ଲକ ହରିଅନ୍ତା ପଞ୍ଚାୟତ ଖଦୋଳସ୍ଥିତ ବିଳାଶୁଣୀ ବିଦ୍ୟାପୀଠର ହିନ୍ଦୀ ଶିକ୍ଷୟିତ୍ରୀ ସବିତା ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପ୍ରାକ୍ତନ ସରପଞ୍ଚ ଜୟଦେବ ପ୍ରଧାନ, ପୁରାତନ ଛାତ୍ର ସଂଘ ସଭାପତି ଗୌରାଙ୍ଗ ଚରଣ ନାଥ ଏବଂ ସିଆରସିସି ପ୍ରଦ୍ୟୁମ୍ନ ଦାଶ ପ୍ରମୁଖ ଅତିଥି ଭାବେ ଶ୍ରୀମତୀ ମହାପାତ୍ରଙ୍କ ଶୈକ୍ଷିକ ଅବଦାନ ଓ ନିଷ୍ଠାପର ସେବା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମନୋରଞ୍ଜନ ଦାଶ, ପ୍ରଫୁଲ୍ଲ ଦାଶ, ସୁଧାକର ମହାନ୍ତି, ପଣ୍ଡିତ ବିଦ୍ୟାଧର ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଅବସର ଜୀବନର ଶୁଭକାମନା କରିଥିଲେ। ଶିକ୍ଷକ ଆନନ୍ଦଚନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଚୌଦ୍ୱାରରେ ଚିଟଫଣ୍ଡ ଠକେଇ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ କଲା ଟାଙ୍ଗୀ ଥାନା ପୁଲିସ

ଚୌଦ୍ୱାର,୫।୫(ସମିସ): ଚୌଦ୍ୱାର ଅଞ୍ଚଳରେ ବେଧଡ଼କରେ ଚିଟଫଣ୍ଡ କାରବାର ଚାଲିଥିବାବେଳେ ଏହାକୁ ରୋକିବାରେ ଚୌଦ୍ୱାର ପୁଲିସ ବିଫଳ ହୋଇଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ସହ ସାଲିସ କରି ପୁଲିସ କାର୍ଯ୍ୟାନୁଷ୍ଠାନ ନେବାରେ ଟାଳଟୂଳ ନୀତି ଅବଲମ୍ବନ କରୁଥିବା ସାଧାରଣରେ ଅଭିଯୋଗ ଉଠିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଲୋକଙ୍କୁ ଅଳ୍ପ ଟଙ୍କା ବିନିଯୋଗ କରି ଦିନ କେଇଟାରେ ଅଧିକ ଲାଭ ପାଇବାର ପ୍ରତିଶ୍ରୁତି ଦିଆଯାଇ ଲୁଟ କରାଯାଉଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ଜମାକାରୀମାନେ ଏନେଇ ଥାନାରେ ଅଭିଯୋଗ କରିବାବେଳେ ପୁଲିସର ସହଯୋଗ ନ ମିଳିବାରୁ ବାଧହୋଇ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶ ପାଇ ଚୌଦ୍ୱାର ଥାନା ପୁଲିସ ହାତଗଣତି କିଛି ଲୋକଙ୍କ ଅଭିଯୋଗ ନେଇ ମାମଲା ରୁଜୁ କରିଥିବାବେଳେ ଅନ୍ୟ ଅଭିଯୋଗକାରୀଙ୍କୁ ଫେରାଇ ଦେଇଥିଲା। କିଛି ଅଭିଯୋଗକାରୀ ଚୌଦ୍ୱାର ଥାନାର ଏଭଳି କାଣ୍ଡ ଦେଖି ସ୍ଥାନୀୟ ଟାଙ୍ଗୀ ଥାନାରେ ଅଭିଯୋଗ କରିବା ପରେ ଟାଙ୍ଗୀ ଥାନା ପୁଲିସ ଚୌଦ୍ୱାର ଚିଟଫଣ୍ଡ ଘଟଣାର ଠକକୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି। ତେବେ ଗ୍ରାମାଞ୍ଚଳ ଥାନା ଗୋଟିଏ ମାମଲାରେ ଠକକୁ ଗିରଫ କରିବାରେ ସକ୍ଷମ ହୋଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ନାମରେ ଚୌଦ୍ୱାର ଥାନାରେ ୩ଟି ମାମଲା ସହ କୋଟି କୋଟି ଟଙ୍କା ଲୁଟିଥିଲେ ମଧ୍ୟ କମିଶନରେଟ ପୁଲିସ ଅଭିଯୁକ୍ତଙ୍କୁ ନ ଧରିବା କମିଶନରେଟ ପୁଲିସର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁଯାୟୀ, ଚୌଦ୍ୱାର ବାଟବୁଢ଼ୀ କଲୋନୀର ପ୍ରମୋଦ କୁମାର ଜେନା (୫୧) ମଙ୍ଗୁଳି ଛକରେ ଏକ ରଙ୍ଗ ଦୋକାନ କରିବା ସହ ସେଠାରେ ଗ୍ରାହକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଆଦିତ୍ୟ ବିର୍ଲା ସଂସ୍ଥାର ନାମ ନେଇ ଜଣେ ମହିଳା ସହଯୋଗୀଙ୍କ ସହ ଲୋକଙ୍କୁ ଟଙ୍କା ଜମା କରିବାକୁ ପ୍ରବର୍ତ୍ତାଉଥିଲେ। ଏଥିରେ ପ୍ରଲୋଭିତ ହୋଇ ଅସିତ ମହାପାତ୍ର, ଅଂଶୁମାନ ସାହାଣୀ, ସ୍ମିତାରାଣୀ ବାରିକ ପ୍ରମୁଖ ଟଙ୍କା ଜମାକରି ଠକେଇର ଶିକାର ହୋଇଥିବାବେଳେ ଚୌଦ୍ୱାର ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚୌଦ୍ୱାର ଥାନାରେ ମାମଲା ୭୪୨/୨୫, ୭୪୪/୨୫ ଓ ୭୫୭/୨୫ ନମ୍ବରରେ ୩ଟି ମାମଲା ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୁଲିସ ଘଣ୍ଟ ଘୋଡ଼ାଇ ଆସୁଥିଲା। ଯେହେତୁ ପ୍ରମୋଦ ଜେନାଙ୍କ ମଙ୍ଗୁଳି ଦୋକାନରେ ଏସବୁର ପ୍ଲାନ ଚାଲିଥିଲା, ସେଠାରେ ଠକାମୀର ଶିକାର ହୋଇଥିବା ତ୍ରିଲୋଚନ ବେହେରା ସ୍ଥାନୀୟ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ପ୍ରମୋଦ ତାଙ୍କ ଠାରୁ ୧୪ ଲକ୍ଷ ୯ ୯ହଜାର ୭୦୦ଟଙ୍କା ଠକି ନେଇଥିବାବେଳେ ଟଙ୍କା ମାଗିବାରୁ ତାଙ୍କୁ ଜାତିଆଣ ଭେଦଭାବ ମନ୍ତବ୍ୟ ଦେବା ସହ ତ୍ରିଲୋଚନଙ୍କ ପତ୍ନୀଙ୍କୁ ଗାଳିଗୁଲଜ କରିବା ଏପରିକି ବନ୍ଧୁକ ଦେଖାଇ ଉଭୟଙ୍କୁ ମାରିଦେବାର ଧମକ ଦେବା ଭଳି ଘଟଣାରେ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ୯ ଫେବୃୟାରୀ ୨୦୨୬ ମସିହା କେସ ନମ୍ବର ୭୭ରେ ଏକ ମାମଲା ରୁଜୁ କରି ପ୍ରମୋଦକୁ ଗିରଫ କରି ଆଜି କୋର୍ଟ ଚାଲଣ କରିଛି। ତେବେ ପ୍ରଶ୍ନ ଉଠୁଛି ଚୌଦ୍ୱାର ଥାନାରେ ଏହି ଅଭିଯୁକ୍ତ ନାମରେ ୩ଟି ମାମଲା ହୋଇଥିବାବେଳେ ମୋଟ ୨ କୋଟି ୮୨ ଲକ୍ଷ ୬୦ହଜାର ଟଙ୍କା ଠକେଇ ହୋଇଥିଲେ ମଧ୍ୟ କମିଶନରେଟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଟାଙ୍ଗୀ ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଜମାକାରୀଙ୍କୁ ନ୍ୟାୟ ମିଳିବାର ପଥ ଉନ୍ମୁକ୍ତ ହୋଇଛି ବୋଲି କୁହାଯାଉଛି।



ଘଣ୍ଟ ଘୋଡ଼ାଉଛି କମିସନରେଟ ପୁଲିସ

# ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର



ମାହାଙ୍ଗା,୫।୫(ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ କଟକ ଜିଲ୍ଲା ଶାଖା ପକ୍ଷରୁ "ଅନୁଦାନ ସମ୍ପର୍କ ଅଭିଯାନ' କ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ୨୦୦୮ରୁ ୨୦୧୮ ମଧ୍ୟରେ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। ଏହି ଦାବିକୁ ଅନୁଶୀଳନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି ସଂଘ ସହ ଆଲୋଚନା କରିଥିଲେ ହେଁ ଚୂଡ଼ାନ୍ତ ନିଷ୍ପତ୍ତିରେ ବିଳମ୍ବ ହେଉଥିବାରୁ ସଂଘ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକମାନେ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସୁପାରିଶ ପତ୍ର ପ୍ରେରଣ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ମାହାଙ୍ଗା ଖଣ୍ଡ ସଂଯୋଜକ ଦେବେନ୍ଦ୍ର ମହାନ୍ତି, ଆଠଗଡ଼ ଖଣ୍ଡ ସଂଯୋଜକ ରଞ୍ଜିତ ସ୍ୱାଇଁ, କଳ୍ପନା ନାୟକ, ରାଜେନ୍ଦ୍ର ଦକ୍ଷିଣକବାଟଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ହସ ଦିବସ



ବଡମ୍ବା,୫।୫(ସମିସ): ପ୍ରାଣଯୋଗ ପ୍ରତିଷ୍ଠାନ, ବଡମ୍ବା ପକ୍ଷରୁ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ର ଶେଖର ମହାନ୍ତିଙ୍କ ପୌରହିତ୍ୟରେ ବିଶ୍ୱ ହସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅଧ୍ୟାପିକା ଡ. ପୁଷ୍ପଲତା ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବଡମ୍ବା ସରସ୍ୱତୀ ଶିଶୁ ମନ୍ଦିରର ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ସିଂହ, ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରାମଚନ୍ଦ୍ର ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ଗୁରୁକୁଳ ସ୍କୁଲର ଅଧ୍ୟକ୍ଷା ସ୍ନେହଲତା ସାହୁ ଯୋଗଦେଇଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ହସ ହେଉଛି ସ୍ୱାସ୍ଥ୍ୟର ସର୍ବୋତ୍ତମ ମହୋଷଧୀ ବୋଲି ବର୍ଣ୍ଣନା କରିବା ସହିତ ହସ ମସ୍ତିଷ୍କକୁ ନିୟନ୍ତ୍ରଣ କରେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ।

# ଏନ୍ଏସ୍ଏସ୍ ସ୍ୱତନ୍ତ୍ର ଶିବିର ଉଦ୍ଯାପିତ



ନିଶ୍ଚିନ୍ତକୋଇଲି,୫।୫(ସମିସ): ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ (ଏସ୍ଏମ୍) ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଚାଲିଥିବା ୭ ଦିନିଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ସୁପ୍ରଭା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ମହାପାତ୍ର ମୁଖ୍ୟଅତିଥି ଏବଂ ସମାଜସେବୀ ଶରତଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଶିବିର ଅବଧି ମଧ୍ୟରେ ଛାତ୍ରଛାତ୍ରୀମାନେ ରଘୁନାଥଜୀଉ ମନ୍ଦିର ସଫେଇ, ଜଳଛତ୍ର ସେବା ଓ ବିଭିନ୍ନ ସାମାଜିକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ୫୦ ଜଣ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ଅଧ୍ୟାପକ ସୁଧୀର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଅଧ୍ୟାପକ ରମାକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।

# ବଧୀ କୁଦରେ ବୁଦ୍ଧ ଜୟନ୍ତୀ



ଚୌଦ୍ୱାର,୫।୫(ସମିସ): ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଚୌଦ୍ୱାରସ୍ଥିତ ବୁଦ୍ଧଦେବଙ୍କ ସମାଧି କୁହାଯାଉଥିବା ଚୌଦ୍ୱାରସ୍ଥିତ ଐତିହାସିକ ବଧୀ କୁଦରେ ଦୀପ ଓ ଧୂପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅପରାହ୍ଣରେ ଅଞ୍ଚଳର ବହୁସଂଖ୍ୟକ ଲୋକ ବଧୀ କୁଦରେ ପହଞ୍ଚି ପ୍ରାର୍ଥନା କରିବା ସହିତ ଦୀପ ଓ ଧୂପଦାନ କରିଥିଲେ। ଚୌଦ୍ୱାର ପ୍ରେସ କ୍ଲବ୍ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଗଙ୍ଗାଧର ସାହୁ, କ୍ଲବ୍ ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ସାମ୍ବାଦିକ ଆଶୁତୋଷ ଦାସ, ପ୍ରକାଶ ନାୟକ, ବିମଳ ବେଉରା, ଅଶୋକ ଦାସ, ଅଜିତ୍ ସ୍ୱାଇଁ, ଗୁଲଫାମ୍ ହୋସେନ୍, ବିଭୂ କଲ୍ୟାଣ ମହାନ୍ତି, ଲକ୍ଷ୍ମୀଧର ଦାସଙ୍କ ସମେତ ବହୁ ଶ୍ରଦ୍ଧାଳୁ କୁଦରେ ବୁଦ୍ଧଦେବଙ୍କୁ ପ୍ରାର୍ଥନା କରି ଜନଜୀବନର ମଙ୍ଗଳ କାମନା କରି ସମାଧୀ ଚତୁଃପାଶ୍ୱର୍ ପ୍ରଦକ୍ଷିଣ କରିବା ସହିତ ଦୀପଦାନ କରିଥିଲେ।

# ସୁସ୍ମିତା ନାୟକ ସଦର ଥାନାଞ୍ଚଳରେ ଟପ୍ପର



କଟକ,୫।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ କଟକ ସଦର ଥାନା ଅଞ୍ଚଳର ଉତ୍ତମାପୁରସ୍ଥିତ ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ଛାତ୍ରୀ ସୁସ୍ମିତା ନାୟକ ଅସାଧାରଣ ସଫଳତା ହାସଲ କରିଛନ୍ତି। ସେ ମୋଟ ୫୬୨ ନମ୍ବର ରଖି ସଦର ଥାନା ଅଧୀନରେ ଥିବା ୨୦ଟି ବିଦ୍ୟାଳୟ ମଧ୍ୟରେ ଟପ୍ପର ହେବା ସହ ସଦର ବ୍ଲକର ସମସ୍ତ ସରକାରୀ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଗୌରବମୟ ସଫଳତା ପାଇଁ ଆଚାର୍ଯ୍ୟ ହରିହର ବିଦ୍ୟାପୀଠ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଣ୍ଡାଙ୍କ ନେତୃତ୍ୱରେ ସୁସ୍ମିତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁସ୍ମିତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାସ, ବିଷ୍ଣୁପ୍ରିୟା ସାଇଁ, ଅନୀତା ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସୁସ୍ମିତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ସଦର ଥାନା ଅଞ୍ଚଳର ୨୦ଟି ବିଦ୍ୟାଳୟରୁ ମୋଟ ୧୧୪୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୮ ଜଣ "ଏ-୧' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସୁସ୍ମିତା ସେମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି।

# ରାମଲୀଳା ମହୋତ୍ସବରେ କଳାକାରଙ୍କୁ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,୫।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତ ସୀମାସ୍ଥ ଘଣ୍ଟାଲୋ ତିହଡ଼ାଠାରେ ଶ୍ରୀ ଶ୍ରୀ ମିଳିତ ଯୁବ ଜାନକୀ ପରିଷଦର ୫୧ତମ ବାର୍ଷିକ ଉତ୍ସବ ଅବସରରେ ଶ୍ରୀ ରଘୁନାଥଜୀଉଙ୍କ ୯ ଦିନିଆ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ତୃତୀୟ ଦିବସ ତଥା ସୀତା ନବମୀ ଅବସରରେ "ରାମ ବନବାସ' ଗୀତିନାଟ୍ୟ ପରିବେଷଣ ପୂର୍ବରୁ ଅନୁଷ୍ଠାନର ଅଧିକାରୀ ରଞ୍ଜିତ କୁମାର ନାୟକଙ୍କ ସଂଯୋଜନାରେ ଏକ ଆଧ୍ୟାତ୍ମିକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଧୀରେନ୍ଦ୍ର ନାୟକ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ବିଜୟ କୁମାର ରାଉତ ଯୋଗଦେଇ ରାମାୟଣକୁ ଭାରତୀୟ ସଂସ୍କୃତି ଓ ଧାର୍ମିକ ଭାବଧାରାର ଏକ ଉତ୍ତମ ନିଦର୍ଶନ ଭାବେ ଅଭିହିତ କରିଥିଲେ। ଏହି ସାରସ୍ୱତ ସମାରୋହରେ "ସମର୍ପଣ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦଶରଥ ଓ ମହୀରାବଣ ଭୂମିକାରେ ଅଭିନୟ କରୁଥିବା ବିଶିଷ୍ଟ କଳାକାର ପିତାମ୍ବର ଦାସ ଏବଂ ପ୍ରଭାକର ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜନେତା ଅଶୋକ ସାହୁ, ତୀର୍ଥବାସୀ ବେହେରା ଓ ଡ. ଦେବବ୍ରତ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପରିଷଦର ସମ୍ପାଦକ କାହ୍ନୁଚରଣ ଓଝା ଓ ସଭାପତି ସୁରେନ୍ଦ୍ରନାଥ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଶାନ୍ତ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଏସ୍ଏଚ୍‌ଜିରେ ୧୦ ଲକ୍ଷ ଟଙ୍କାର ଋଣ ହେର୍‌ଫେର

## ପୁରୁଣା ସଦସ୍ୟାଙ୍କୁ ବାଦ୍ ଦେଇ ଟଙ୍କା ଉଠାଣ ଅଭିଯୋଗ

## ତଦନ୍ତ ନିର୍ଦ୍ଦେଶ ଦେଲେ ବିଡିଓ

ଟାଙ୍ଗୀ,୫।୫(ସମିସ): ଟାଙ୍ଗୀ ବ୍ଲକ ଉଚ୍ଚପଦା ପଞ୍ଚାୟତ ଦମକା ଗ୍ରାମର ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ରେ ଏକ ବଡ଼ ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିଛି। ଗତ ୧୨ ବର୍ଷ ଧରି ସୁରୁଖୁରୁରେ ଚାଲିଥିବା ଏହି ଗୋଷ୍ଠୀର କିଛି ପୁରୁଣା ସଦସ୍ୟାଙ୍କୁ ଅନ୍ଧାରରେ ରଖି ବ୍ୟାଙ୍କରୁ ଲକ୍ଷ ଲକ୍ଷ ଟଙ୍କାର ଋଣ ଉଠାଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଉଭୟ ବ୍ଲକ ପ୍ରଶାସନ ଓ ପୁଲିସ ନିକଟରେ ଫେରାଦ ହେବା ପରେ ବିଡ଼ିଓ ଏନ୍. ଏନ୍. ରାଜଲକ୍ଷ୍ମୀ ଓଝା ଘଟଣାର ଗୁରୁତ୍ୱ ଅନୁଭବ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗୋଷ୍ଠୀର ଦେଣନେଣ ରେକର୍ଡ ଭଲ ଥିବାରୁ ଚଳିତ ବର୍ଷ ଜାନୁଆରୀ ମାସରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଋଣ ମଞ୍ଜୁର ହୋଇଥିଲା। ମାତ୍ର ଅଭିଯୋଗ ହୋଇଛି ଯେ, ଏହି ଋଣ ଅର୍ଥ ପ୍ରଦାନ ସମୟରେ ଗୋଷ୍ଠୀର ୪ ଜଣ ପୁରୁଣା ସଦସ୍ୟା ସିଲୁଲତା ଜେନା, ପ୍ରେମଲତା ବାରିକ, ଟୁନି ବେହେରା ଓ ସ୍ନେହଲତା ବାରିକଙ୍କୁ ବିନା କାରଣରେ ବାଦ୍ ଦିଆଯାଇଥିଲା। ସେମାନଙ୍କ ସ୍ଥାନରେ ନୂତନ ସଦସ୍ୟା ଗ୍ରହଣ କରାଯାଇ ତରବରିଆ ଭାବେ ଅପ୍ରେଲ ମାସରେ ୧୦ ଲକ୍ଷ ଟଙ୍କା ଉଠାଣ କରାଯାଇଛି। ଆହୁରି ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ଉଚ୍ଚପଦା ପଞ୍ଚାୟତର ଏହି ଗୋଷ୍ଠୀକୁ ଜରିପଡ଼ା ପଞ୍ଚାୟତ ନାମରେ ଋଣ ପ୍ରଦାନ କରାଯାଇଥିବା ଜଣାପଡ଼ିଛି, ଯାହା ବ୍ୟାଙ୍କ ଓ ପ୍ରଶାସନିକସ୍ତରରେ ହୋଇଥିବା ଚଞ୍ଚକତାକୁ ସ୍ପଷ୍ଟ କରୁଛି। ଏହି ଅନ୍ୟାୟ ବିରୋଧରେ ବାଦ୍ ପଡ଼ିଥିବା ମହିଳାମାନେ ବିଜେପି ନେତ୍ରୀ ରଶ୍ମିତା ରାଉତଙ୍କ ନେତୃତ୍ୱରେ ଶତାଧିକ ସମର୍ଥକଙ୍କ ସହ ଟାଙ୍ଗୀ ଥାନା ଓ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଘଟଣାରେ ବ୍ୟାଙ୍କ ଅଧିକାରୀ, ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା, ଅତିରିକ୍ତ ବିଡ଼ିଓ ଏବଂ ବ୍ୟାଙ୍କ ମିତ୍ରଙ୍କ ଭୂମିକାକୁ ସନ୍ଦେହ ଘେରକୁ ନିଆଯାଇଛି। ବିଡ଼ିଓ ଶ୍ରୀମତୀ ଓଝା ସୋମବାର ବ୍ୟାଙ୍କ ମିତ୍ର ଏବଂ ଜୀବିକା ମିଶନ୍ ଅଧିକାରିଣୀଙ୍କୁ ଡାକି ଏ ନେଇ ଆଲୋଚନା କରିଛନ୍ତି। ନିୟମ ଉଲ୍ଲଙ୍ଘନ କରି କିଭଳି ପଞ୍ଚାୟତ ପରିବର୍ତ୍ତନ ହେଲା ଏବଂ ପୁରୁଣା ସଦସ୍ୟାଙ୍କୁ ଅନ୍ତର କରାଗଲା, ତାହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି।



# ପାଇପ୍ ବିଛାଇବା ନାଁରେ ରାସ୍ତା ଛାରଖାର

**ନିଶ୍ଚିନ୍ତକୋଇଲି, ୬।୫(ସମିସ):**



ନିଶ୍ଚିନ୍ତକୋଇଲି ବ୍ଲକର ୭ଟି ପଞ୍ଚାୟତରେ ବୃହତ ପାନୀୟ ଜଳ ପ୍ରକଳ୍ପ ଜରିଆରେ ଘରେ ଘରେ ନଳ ଦ୍ୱାରା ପାଣି ପହଞ୍ଚାଇବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏବେ ଏହି ଯୋଜନା ସାଧାରଣ ଜନତାଙ୍କ ପାଇଁ ଦୁର୍ଦ୍ଦଶାର କାରଣ ପାଲଟିଛି। ମାର୍ଚ୍ଚ ମାସ ସୁଦ୍ଧା ଜଳ ଯୋଗାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲେ ହେଁ, ମେ ମାସ ଆରମ୍ଭ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ଅପରପକ୍ଷରେ, ପାଇପ୍ ବିଛାଇବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପିଚୁ ଓ କଂକ୍ରିଟ ରାସ୍ତାଗୁଡ଼ିକୁ ଖୋଳିଦେଇ ଠିକାଦାର ଏବେ ମନମୁଖୀ ଭାବେ ନିମ୍ନମାନର ମରାମତି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଠିକାଦାର ଏବେ ତରବରିଆ ଭାବେ ରାସ୍ତା ମରାମତି କରୁଥିଲେ ମଧ୍ୟ ଏହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିୟମ ଅନୁଯାୟୀ, ଯେଉଁଠାରେ ପିଚୁ ରାସ୍ତା ଖୋଳାଯାଇଛି ସେଠାରେ ପିଚୁ ଏବଂ ଯେଉଁଠାରେ ଢଳେଇ ରାସ୍ତା ଥିଲା ସେଠାରେ କଂକ୍ରିଟ ଢଳେଇ ଦ୍ୱାରା ମରାମତି କରିବା କଥା। ମାତ୍ର ସମସ୍ତ ନିୟମକୁ ଉଲ୍ଲଙ୍ଘନ କରି ଠିକାଦାର ସବୁ ସ୍ଥାନରେ ନିମ୍ନମାନର ସିମେଣ୍ଟ, ବାଲି ଓ ଚିପ୍ସ ବ୍ୟବହାର କରି ପ୍ୟାଚ୍ କାମ କରୁଛନ୍ତି। ଫଳରେ ମରାମତିର ମାତ୍ର କିଛି ଦିନ ମଧ୍ୟରେ ରାସ୍ତାଗୁଡ଼ିକ ପୁନର୍ବାର ଫାଟିଯାଉଥିବା ବେଳେ ରାସ୍ତା ଉଚ୍ଚ-ଖାଲ ହୋଇ ରହୁଛି, ଯାହା ଯାତାୟାତ ସମୟରେ ବଡ଼ ଧରଣର ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ଏହି ଅବ୍ୟବସ୍ଥା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଅନେକ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, "ଆମକୁ ଏଭଳି ପାନୀୟ ଜଳ ପ୍ରକଳ୍ପ ଦରକାର ନାହିଁ, ଯାହା ପାଇଁ ଆମର ଭଲ ରାସ୍ତାଗୁଡ଼ିକୁ ନଷ୍ଟ କରିଦିଆଯାଉଛି'। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ପୂର୍ବର ସ୍ଥାୟୀ ରାସ୍ତାଗୁଡ଼ିକ ଏବେ ଅସୁରକ୍ଷିତ ହୋଇପଡ଼ିଛି। ନିର୍ଦ୍ଧାରିତ ସମୟରୁ ଦୁଇଗୁଣା ସମୟ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ ଶେଷ ନ ହେବା ଏବଂ ନିର୍ମାଣରେ ବ୍ୟାପକ ଅନିୟମିତତାକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦୃଢ଼ ଦାବି ହୋଇଛି।

- ପାନୀୟ ଜଳ ପ୍ରକଳ୍ପର ମରାମତି କାର୍ଯ୍ୟ ଅତି ନିମ୍ନମାନର
- ବଢୁଛି ଦୁର୍ଘଟଣା ଓ ଜନ ଅସନ୍ତୋଷ

## ଚୌଦ୍ୱାରରେ ସଂକୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା




**ଚୌଦ୍ୱାର, ୬।୫(ସମିସ):** ଶିକ୍ଷା ବିକାଶ ସମିତି ଉତ୍ତର ପୂର୍ବ ସମ୍ଭାଗ ଚୌଦ୍ୱାର ସଂକୁଳ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ସଂକୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ରମେଶ ଚନ୍ଦ୍ର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତରପୂର୍ବ ସଂଯୋଜକ ତୁଷାର ରଞ୍ଜନ ଦାସ, ରାହାସ ବିହାରୀ ମହାପାତ୍ର ଏବଂ ସଂକୁଳ ପ୍ରମୁଖ ବଂଶୀଧର କାଣ୍ଡୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ ଶିକ୍ଷାନୀତି ଏବଂ "ପଞ୍ଚପଦୀ' ଶୈଳୀ ଆଧାରରେ ଶିକ୍ଷାଦାନ ପଦ୍ଧତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କର୍ମଶାଳାରେ ବ୍ଲକ ଅତିରିକ୍ତ ବିଇଓ ଅରୁନ୍ଧତୀ ମିଶ୍ର, ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବସନ୍ତିଆ ଏବଂ ପ୍ରଧାନ ଆଚାର୍ଯ୍ୟ ସାରଦା ପ୍ରସାଦ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ଶିକ୍ଷାବିତ୍ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୭୩ ଜଣ ଗୁରୁଜୀ ଓ ଗୁରୁମା ଅଂଶଗ୍ରହଣ କରିଥିଲେ। ସଂକୁଳର ୧୧ ଜଣ ପ୍ରଧାନ ଆଚାର୍ଯ୍ୟ ଓ କର୍ମଚାରୀଙ୍କ ମିଳିତ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

## ବ୍ୟାଙ୍କ କର୍ମଚାରୀ ସଂଗଠକଙ୍କ ସ୍ମୃତିସଭା



**ଚୌଦ୍ୱାର, ୬।୫(ସମିସ):** ସର୍ବ ଭାରତୀୟ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏସନ୍‌ର ପୂର୍ବତନ ସାଧାରଣ ସମ୍ପାଦକ ସ୍ୱର୍ଗତ ତାରକେଶ୍ୱର ଚକ୍ରବର୍ତ୍ତୀଙ୍କ ସ୍ମୃତିସଭା ଚୌଦ୍ୱାରସ୍ଥିତ ଶିଶୁ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଏହି ସଭାରେ ସମିତିର ସଭାପତି ସୁବାସ ଚନ୍ଦ୍ର ବୋଷ ପୌରହିତ୍ୟ କରିଥିଲେ। ସ୍ୱର୍ଗତ ଚକ୍ରବର୍ତ୍ତୀଙ୍କ ସ୍ମୃତିଚାରଣ କରି ଅତିଥିମାନେ କହିଥିଲେ ଯେ, ସାରା ଭାରତର ବ୍ୟାଙ୍କ କର୍ମଚାରୀମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଓ ଅନ୍ୟାନ୍ୟ ସାମ୍ବିଧାନିକ ସୁବିଧା ହାସଲ କରିବା ଦିଗରେ "ତାରକେଶ୍ୱର ଦା'ଙ୍କ ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ। ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ବିଶେଷ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କିଶୋରଚନ୍ଦ୍ର ଜେନା, ବିପିନ ବିହାରୀ ପାଢ଼ୀ, ବିସୁଦ୍ଧା ଦାସ, ରୋଜାଲିନ୍ ସାହୁ ଓ ସଞ୍ଜୀବ ପତି ପ୍ରମୁଖ ସ୍ୱର୍ଗତ ନେତାଙ୍କ ଜୀବନୀ ଓ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ।

- କଟରପଡ଼ା ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ

## ୮ ୱାର୍ଡ ସଭ୍ୟଙ୍କ ଅନଶନ ଧମକ

**ନିଶ୍ଚିନ୍ତକୋଇଲି, ୬।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ କଟରପଡ଼ା ପଞ୍ଚାୟତରେ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ସ୍ୱର ତୀବ୍ର ହୋଇଛି। ପଞ୍ଚାୟତର ୧୨ ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୮ ଜଣ ସଭ୍ୟ ଏକତ୍ରିତ ହୋଇ ବ୍ଲକ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିବା ସହ ଆଗାମୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ୱାର୍ଡ ସଭ୍ୟମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ କୌଣସି ବୈଠକ କିମ୍ବା ଗ୍ରାମସଭା ସଠିକ୍ ଭାବେ କରାଯାଉ ନାହିଁ। ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସରକାରୀ ନିୟମକୁ ଉଲ୍ଲଂଘନ କରି ପ୍ରଥମରୁ ହିଁ ରେଜୁଲେସନ ଖାତାରେ ୱାର୍ଡ ସଭ୍ୟମାନଙ୍କ ଦସ୍ତଖତ କରାଇ ନେଉଛନ୍ତି ଏବଂ ବିକାଶମୂଳକ କାର୍ଯ୍ୟରେ ସେମାନଙ୍କୁ ଅନ୍ଧକାରରେ ରଖୁଛନ୍ତି। ଗତ ୪ ତାରିଖ ଦିନ ୱାର୍ଡସଭ୍ୟା ପ୍ରମିଳା ଦାସ, ପତିତପାବନ ମଣ୍ଡଳ, ସୋନାଲି ଗୁରୁ, ରମେଶ ଚନ୍ଦ୍ର ବେହେରା, ଅର୍ଚ୍ଚନା ପାତ୍ର, ଗୀତାଞ୍ଜଳୀ ମଲିକ, କାହ୍ନୁଚରଣ ନାୟକ ଏବଂ ପ୍ରତିମା ମଲିକ ପ୍ରମୁଖ ଜିପିଓଙ୍କୁ ଭେଟି ଏହି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ବ୍ଲକ ପ୍ରଶାସନ ଏହି ଗୁରୁତର ଅଭିଯୋଗ ଉପରେ କି ପଦକ୍ଷେପ ନେଉଛି, ତାହା ଏବେ ଦେଖିବାକୁ ବାକି ରହିଲା।

## ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ହାକାଥନ୍ ୩.୦




**କଟକ, ୬।୫(ସମିସ):** ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ହାକାଥନ ୩.୦ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେଭେନ୍ସା ମହାବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡଃ କେ.ଜେ.କେ. ଭରଦ୍ୱାଜ ଯୋଗଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ରୂପେ କଟକ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ, ବିଜ୍ଞାନ ନିରୀକ୍ଷକ ସାଗରିକା ରାଉତ, ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସବିତା ମିଶ୍ର, ସମଗ୍ର ଶିକ୍ଷା ସଂଯୋଜକ ମାନସୀ ଧଳ, ସୁଚିସ୍ମିତା ମହାନ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ମନୋନୀତ ହୋଇଥିବା ୭ଟି ବିଦ୍ୟାଳୟରୁ ୨୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଭିନ୍ନ ବିଷୟ ଯଥା ସ୍ମାର୍ଟ ଶିକ୍ଷା, ଓପନ ଇନୋଭେସନ ଆଦି ପର୍ଯ୍ୟବେକ୍ଷିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଇଆଇଟି ଆସୋସିଏଟ୍ ପ୍ରଫେସର ସୀମାବାହିନୀ ପତି, "ଏବିଆଇଟି'ର ଆସୋସିଏଟ୍ ପ୍ରଫେସର ଓ ଡିନ ଡଃ ସବ୍ୟସାଚୀ ପଟ୍ଟନାୟକ, "ଏବିଆଇଟି'ର ଆସୋସିଏଟ୍ ପ୍ରଫେସର ଡ଼. ଅମରେଶ ସାହୁ ବିଚାରକ ରୂପେ ଯୋଗଦେଇଥିଲେ। ସଭାର ଦ୍ୱିତୀୟ ଅଧିବେଶନରେ ପୁରସ୍କାର ବିତରଣୀ ଉତ୍ସବରେ ସମସ୍ତ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଯଶୋବନ୍ତ ତିୱାରୀ, ଆଶୁତୋଷ ରଥ, ପ୍ରମାଣପତ୍ର ସହ ଅର୍ଥ ରାଶି ୨୦୦୦୦ ଟଙ୍କା, ଦ୍ୱିତୀୟ ସ୍ଥାନ ଓଏଭି ଗୋବିନ୍ଦପୁରର ଛାତ୍ରୀ ରାଜଶ୍ରୀ ପ୍ରଧାନ ଓ ସ୍ୱାଗତିକା ମହାପାତ୍ର ପ୍ରମାଣପତ୍ର ସହ ୧୫୦୦୦ ଟଙ୍କାର ଅର୍ଥ ରାଶି, ତୃତୀୟ ସ୍ଥାନ ପଲ୍ଲବୀ ପ୍ରିୟଦର୍ଶିନୀ ଭୂୟାଁ ଓ ତାଙ୍କ ସହଯୋଗୀ ପ୍ରମାଣପତ୍ର ସହ ୧୦୦୦୦ ଟଙ୍କାର ଅର୍ଥ ରାଶି ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ପୁରସ୍କାର ରୂପେ ସୁରଞ୍ଜନ ସ୍ୱାଇଁ ପ୍ରମାଣପତ୍ର ଗ୍ରହଣ କରିଥିଲେ। ସ୍ୱର୍ଣ୍ଣମୟୀ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ



**ଆଠଗଡ଼, ୬।୫(ସମିସ):** ଆଠଗଡ଼ ପୌରାଞ୍ଚଳ ବରିଷ୍ଠ ନାଗରିକ ସଂଘର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରାଣକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ରାଜ କିଶୋର ସାମନ୍ତ, ସମ୍ମାନିତ ବକ୍ତା ଭାବେ ବରିଷ୍ଠ ପତ୍ରକାର ପ୍ରମୋଦ ମହାପାତ୍ର ଏବଂ ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର କୃପାସିନ୍ଧୁ ପଣ୍ଡା ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଅଧିକାର ଓ ସମାଜ ପ୍ରତି ରହିଥିବା କର୍ତ୍ତବ୍ୟ ଉପରେ ମୂଲ୍ୟବାନ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଶରତ କୁମାର ସାମନ୍ତ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଉପସଭାପତି ସଦାନନ୍ଦ ପଟ୍ଟନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀଧର ରଥ ସମଗ୍ର କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି ଅବସରରେ ଲକ୍ଷ୍ମୀଧର ସାହୁ, ପ୍ରସନ୍ନ ରାଉତ, ଶ୍ୟାମାନନ୍ଦ ମହାରଣା ଓ ନବ କିଶୋର ରାଉତଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଓ ମାର୍ଗଦର୍ଶନ ଏକାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ତିଗିରିଆ, ୬।୫(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତର ଗୋପୀନାଥପୁର ଶାସନ ଗ୍ରାମ ନିକଟରେ ଆଜି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଏବଂ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ଜଣକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ଜଣକ ମାନପୁର ଗ୍ରାମର ବୋଲି ଜଣାପଡ଼ିଛି। ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଆଜି କଳିବିରି ଗ୍ରାମରୁ ଏକ ଦଶାହ କାର୍ଯ୍ୟ ସାରି କାର୍‌ଟି ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହ ଏହାର ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ଅଧିକ ତଦନ୍ତ ଜାରି ରଖିଛି।

## ଏଚ୍‌ପିଭି ଟୀକାକରଣ ନେଇ ସଚେତନତା

**ତିଗିରିଆ, ୬।୫(ସମିସ):** ଯୁବତୀଙ୍କ ଠାରେ ସର୍ଭିକାଲ (ଜରାୟୁ ମୁଖ) କର୍କଟ ରୋଗର ନିରାକରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏଚପିଭି ଟୀକାକରଣ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୋଜିତ ଏହି ବୈଠକରେ ବ୍ଲକ ମେଡିକାଲ ଅଫିସର ଡାକ୍ତର ମନୋରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସୂଚନାଯୋଗ୍ୟ ଯେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୪ ବର୍ଷ ବୟସର ସମସ୍ତ ଯୁବତୀଙ୍କୁ ଏହି ଟୀକା ମାଗଣାରେ ପ୍ରଦାନ କରାଯାଉଛି। ତେବେ ସାମାଜିକ ଗଣମାଧ୍ୟମରେ ଏହି ଟୀକା ବିରୁଦ୍ଧରେ ହେଉଥିବା କେତେକ ଅପପ୍ରଚାର ଯୋଗୁଁ ଅନେକ ସ୍ଥାନରେ ଯୁବତୀମାନେ ଟୀକା ନେବାକୁ ଅମଙ୍ଗ ହେଉଥିବା ଲକ୍ଷ୍ୟ କରାଯାଇଛି। ଏହି ବିଭ୍ରାନ୍ତିକୁ ଦୂର କରିବା ଏବଂ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବୈଠକରେ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। ଗ୍ରାମ କଲ୍ୟାଣ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମବାସୀଙ୍କୁ ସାମିଲ କରି ବିଭିନ୍ନ ବୈଠକ ମାଧ୍ୟମରେ ଟୀକାର ଉପକାରିତା ବିଷୟରେ ଅବଗତ କରାଇବାକୁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର ସୁଚିସ୍ମିତା ଉଦୟସିଂ, ଡାକ୍ତର ଶୁଭସ୍ମିତା ରାଉତ, ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ପିଏଚଇଓ ବିଦ୍ୟୁତପ୍ରଭା ନନ୍ଦ ଏବଂ ରଶ୍ମିରଞ୍ଜନ ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟକ ଆଶା ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ସର୍ଭିକାଲ କ୍ୟାନ୍‌ସର ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇବା ପାଇଁ ଏହି ଟୀକାକରଣ ଅତ୍ୟନ୍ତ ଜରୁରୀ ବୋଲି ବୈଠକରେ ମତପ୍ରକାଶ ପାଇଛି।



## ଦୁଇ ଯୁବ କଂଗ୍ରେସ କର୍ମୀଙ୍କ ବିୟୋଗରେ ସ୍ମୃତିସଭା



**କନ୍ଦରପୁର, ୬।୫(ସମିସ):** କଟକ ସଦର ବ୍ଲକ ଆୟଉପୁର ପଞ୍ଚାୟତ ଦଣ୍ଡୁଆସିପଡ଼ା ଗ୍ରାମର ଦୁଇ ଯୁବକ ଗୌରୀ ଶଙ୍କର ପ୍ରଧାନ ଓ ସୁଶାନ୍ତ ସ୍ୱାଇଁଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର କଂଗ୍ରେସ ପକ୍ଷରୁ ଗ୍ରାମର ହନୁମାନ ମନ୍ଦିର ନିକଟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରଧାନ ଓ ସ୍ୱାଇଁ ଦଳର ଦୁଇଜଣ ନିଷ୍ଠାପର ତଥା ଆଗଧାଡ଼ିର କର୍ମୀ ଥିଲେ ବୋଲି ଅତିଥିମାନେ ସ୍ମୃତିଚାରଣ କରିଥିଲେ। ଗୋକୁଳ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ କଂଗ୍ରେସ ବ୍ଲକ ସଭାପତି ସୀତାକାନ୍ତ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ ଏବଂ ବରିଷ୍ଠ କର୍ମୀ ଅଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତି ଶଙ୍କର ନାୟକ, ସୁବୋଧ ରାୟ, ଶରତ ଚନ୍ଦ୍ର ଦାସ, ସୁକାନ୍ତ ବେହେରା ଓ ନିରଞ୍ଜନ ଲେଙ୍କାଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସାଲେପୁରର ନୂଆ ତହସିଲଦାର ଉର୍ମିଳା ପ୍ରଧାନ

**ସାଲେପୁର, ୬।୫(ସମିସ):** ଆଜି ସାଲେପୁର ତହସିଲଦାର ଭାବେ ଉର୍ମିଳା ପ୍ରଧାନ କାର୍ଯ୍ୟରେ ଯୋଗଦେଇଛନ୍ତି। କିଛି ଦିନ ହେବ ସାଲେପୁରର ପୂର୍ବତନ ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କ ଭୁବନେଶ୍ୱରକୁ ବଦଳି ହେବା ପରେ ସାଲେପୁର ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କ ପଦବୀ ଖାଲିପଡିଥିଲା। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ଅନୁମୋଦନ କ୍ରମେ କଟକରେ ଡେପୁଟି ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ଉର୍ମିଳା ପ୍ରଧାନ ଆଜି ସାଲେପୁର ତହସିଲଦାର ଭାବେ ଯୋଗଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ସାଲେପୁର ତହସିଲରେ ଦୀର୍ଘ ଦିନ ଧରି ତହସିଲଦାର ପଦ ଖାଲିପଡିଥିବାରୁ ଜନସାଧାରଣଙ୍କ ବିଭିନ୍ନ କାର୍ଯ୍ୟ ସୁଚାରୁ ରୂପେ ସଂପାଦନ ହୋଇପାରୁ ନ ଥିଲା।

## ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ, ୬।୫(ସମିସ):** ଭାରତୀୟ ଷ୍ଟେଟ ବ୍ୟାଙ୍କ, ଅଭିନବ ବିଡାନାସୀ ଶାଖାର ପୁରୁଖା କର୍ମଚାରୀ ଯୁଧିଷ୍ଠିର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ଶ୍ରୀ ଦାସଙ୍କ ନିଷ୍ଠା, ପରୋପକାର ଓ ଅନୁଗତ୍ୟ ସଂପର୍କରେ ଆଲୋଚନା କରିଥିଲେ। ଶାଖା ପରିଚାଳକ ଅବିନାଶ ନାୟକ, ଉପ ପରିଚାଳକ ସନ୍ତୋଷ କୁମାର ଦାଶ, ମନୋରଞ୍ଜନ ଚୟିନୀ, ସ୍ୱପ୍ନା ଦଳାଇ, ରଞ୍ଜନ କୁମାର ଦେହୁରୀ, ସୁରେନ୍ଦ୍ର ତରାଇ, ରୋଜାଲିନ ପୃଷ୍ଟି ଓ ପ୍ରଭୁଦତ୍ତ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ଶ୍ରୀ ଦାସଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସେ ବ୍ୟାଙ୍କର ବିଭିନ୍ନ ଶାଖାରେ ପ୍ରାୟ ୪୦ ବର୍ଷ ଧରି କାର୍ଯ୍ୟ କରିଆସିଥିଲେ।




## ଚୌଦ୍ୱାରରେ ବିଜେପିର ସାଂଗଠନିକ ବୈଠକ




**ଚୌଦ୍ୱାର, ୬।୫(ସମିସ):** ଭାରତୀୟ ଜନତା ପାର୍ଟିର ଚୌଦ୍ୱାର ଓ ଇନ୍ଦ୍ରାଣୀପାଟଣା ମଣ୍ଡଳର ଏକ ମିଳିତ ସାଂଗଠନିକ ବୈଠକ ସ୍ଥାନୀୟ ପୌର ଟାଉନହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ମଣ୍ଡଳ ସଭାପତି ମମତା ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡଳ କମିଟି, ଶକ୍ତି କେନ୍ଦ୍ର ଏବଂ ବୁଥ୍ କମିଟିକୁ ତୃଣମୂଳ ସ୍ତରରୁ କିପରି ଅଧିକ ମଜବୁତ କରାଯାଇପାରିବ, ସେ ସମ୍ପର୍କରେ ସେ କର୍ମକର୍ତ୍ତାଙ୍କୁ ଦିଗଦର୍ଶନ ଦେଇଥିଲେ। ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇନ୍ଦ୍ରାଣୀପାଟଣା ମଣ୍ଡଳ ସଭାପତି ଦାମୋଦର ନାୟକ, ବାଦାମବାଡ଼ି ମଣ୍ଡଳ ସଭାପତି ସୁରଥ ରାଉତ ଏବଂ ଅଜିତ ସୁବୁଦ୍ଧିରାୟ ପ୍ରମୁଖ ଯୋଗଦେଇ ସାଂଗଠନିକ ରଣନୀତି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରଞ୍ଜନ ପ୍ରଧାନ, ପ୍ରଶାନ୍ତ ହୋତା, ବିଷ୍ଣୁ ଚରଣ ପରିଡ଼ା, ଇଂ ସୁଜାତା ସାହୁ ଓ ସନ୍ତୋଷ ସାହୁଙ୍କ ସମେତ ଉଭୟ ମଣ୍ଡଳର ବହୁ ସଂଖ୍ୟକ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

**ଓପିଏସ୍‌ସି ଡେଣ୍ଟାଲ ସର୍ଜନ ନିଯୁକ୍ତିରେ ବାହାର ପ୍ରାର୍ଥୀଙ୍କୁ ପ୍ରାଥମିକତାକୁ ବିରୋଧ**

# ୧୫ ଦିନର ମହଲତ ଦେଲା ଓଡିଏସ୍‌ଏସ୍‌ଏସି

**କଟକ, ୬।୫(ସମିସ):**




ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଡେଣ୍ଟାଲ ସର୍ଜନ ନିଯୁକ୍ତି-୨୦୨୬ ପ୍ରକ୍ରିୟାକୁ ନେଇ ରାଜ୍ୟର ଯୁବ ଡାକ୍ତରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିଯୁକ୍ତି ନିୟମରେ ଅଣଓଡ଼ିଆ ପ୍ରାର୍ଥୀଙ୍କ ପାଇଁ କୋହଳ ନୀତି ଅବଲମ୍ବନ କରାଯିବାକୁ ଓଡ଼ିଶା ଡେଣ୍ଟାଲ ସର୍ଜନ ଏବଂ ଷ୍ଟୁଡେଣ୍ଟ ଆକ୍ସନ କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ କମିଟିର କନ୍‌ଭେନର ଡା. ପ୍ରିୟବ୍ରତ ପଣ୍ଡା ସରକାରଙ୍କ ଏହି ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇବା ସହ ଏହା ଓଡ଼ିଆ ଯୁବକମାନଙ୍କୁ ନ୍ୟାୟସଙ୍ଗତ ସୁଯୋଗରୁ ବଞ୍ଚିତ କରୁଛି ବୋଲି କହିଛନ୍ତି। ଅଭିଯୋଗ ଅନୁସାରେ କେରଳ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ଗୁଜୁରାଟ ଭଳି ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ନିଜ ରାଜ୍ୟର ଡାକ୍ତରମାନଙ୍କୁ ପ୍ରାଥମିକତା ଦିଆଯାଉଥିବା ବେଳେ ଓଡ଼ିଶା ସରକାର ବାହାର ରାଜ୍ୟର ପ୍ରାର୍ଥୀଙ୍କୁ ସୁଯୋଗ ଦେବା ନିନ୍ଦନୀୟ ବୋଲି କମିଟି ଦର୍ଶାଇଛି। ଏହି ସମ୍ପର୍କରେ କମିଟି ପକ୍ଷରୁ ସମସ୍ତ ତଥ୍ୟ ଓ ପ୍ରସ୍ତାବ ସରକାରଙ୍କ ନିକଟରେ ୫୦ ଦିନ ପୂର୍ବରୁ ଦାଖଲ କରାଯାଇଥିଲେ ହେଁ, ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳିନାହିଁ। ରାଜ୍ୟ ସରକାର 'ଓଡ଼ିଆ ଅସ୍ମିତା'କୁ ଗୁରୁତ୍ୱ ଦେଉଥିବା ଦାବି କରୁଥିବା ବେଳେ, ନିଜ ରାଜ୍ୟର ଡାକ୍ତରଙ୍କ ସ୍ୱାର୍ଥ ରକ୍ଷା ନ କରିବା ବିରୋଧାଭାସ ସୃଷ୍ଟି କରୁଛି ବୋଲି ଡା. ପଣ୍ଡା କହିଛନ୍ତି। କମିଟି ପକ୍ଷରୁ ସରକାରଙ୍କୁ ୧୫ ଦିନର ଅନ୍ତିମ ସମୟସୀମା ଦିଆଯାଇଛି। ଯଦି ଏହି ସମୟ ମଧ୍ୟରେ ଡେଣ୍ଟାଲ ସର୍ଜନ ନିଯୁକ୍ତି ନିୟମରେ ସଂଶୋଧନ କରି ଓଡ଼ିଆ ପ୍ରାର୍ଥୀଙ୍କ ସ୍ୱାର୍ଥ ରକ୍ଷା କରା ନ ଯାଏ, ତେବେ ଓଡ଼ିଏସ୍‌ଏସ୍‌ଏସି ପକ୍ଷରୁ ରାଜ୍ୟବ୍ୟାପୀ ଉପବାସ ଆନ୍ଦୋଳନ ବା ହଙ୍ଗର ଷ୍ଟ୍ରାଇକ୍ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୋ-କନ୍‌ଭେନର ଡା. ଯଶୋଦା ଜୀବନ ସେନାପତି ଏବଂ ଡା. ଶ୍ୱେତାପଣ୍ଡା ମିଶ୍ର ଉପସ୍ଥିତ ରହି ରାଜ୍ୟର ଯୁବ ଡେଣ୍ଟାଲ ଡାକ୍ତରମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସୁରକ୍ଷା ଓ ନିରାଶା ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ।

### ଦାବି ପୂରଣ ନ ହେଲେ ଅନଶନ ଚେତାବନୀ

